ମଧ୍ୟ ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ମେସର୍ସ ଏସ୍. କ୍ରିଷ୍ଣାଦାସ ଟିକାରାମ

21 ସେପ୍ଟେମ୍ବର, 1994

[କେ. ରାମାସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ବନ ସଂରକ୍ଷଣ ଅଧିନିୟମ, 1980:*

*ଖଣି ଲିଜ୍ - ରାଜ୍ୟ ସରକାରଙ୍କ ଦ୍ୱାରା ନବୀକରଣ - ଯେଉଁଠାରେ ରାଜ୍ୟ ସରକାରଙ୍କ ଅନୁମୋଦନ ଗ୍ରହଣ କରାଯାଇ ନାହିଁ, ନବୀକରଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଯଥାର୍ଥ ନୁହେଁ ।ଅନୁମୋଦନ*

**ବନାଞ୍ଚଳରେ ଚୂନପଥର ଉତ୍ତୋଳନ ପାଇଁ ଉତ୍ତରଦାତାଙ୍କୁ ଖଣି ଲିଜ୍ ଦିଆଯାଇଥିଲା । ତା'ପରେ, ବନ ସଂରକ୍ଷଣ ଅଧିନିୟମ, 1980 କାର୍ଯ୍ୟକାରୀ ହେଲା, ଯାହା ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ଜଙ୍ଗଲ ଜମି ଲିଜ୍ ପ୍ରଦାନ କିମ୍ବା ନବୀକରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ବାଧ୍ୟତାମୂଳକ କରାଗଲା । ଲିଜ୍ ସମୟସୀମା ଶେଷ ହେବା ପରେ, ଉତ୍ତରଦାତା ଏହାର ନବୀକରଣ ପାଇଁ ଆବେଦନ କରିଥିଲେ ଯାହା ମଞ୍ଜୁର କରାଯାଇଥିଲା, କିନ୍ତୁ ପରେ ବନ ବିଭାଗ ଆପତ୍ତି ଉଠାଇବାରୁ ତାହାକୁ ବାତିଲ କରାଯାଇଥିଲା । ଉତ୍ତରଦାତା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ଯିଏ ନବୀକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।**

**ଏହି ନ୍ୟାୟାଳୟରେ ଅପିଲରେ, ଏହା ଯୁକ୍ତି କରାଯାଇଥିଲା ଯେ କେନ୍ଦ୍ର ସରକାରଙ୍କ ପୂର୍ବ ସମ୍ମତି ବିନା ଲିଜ୍ ର ନବୀକରଣ କରାଯାଇପାରିବ ନାହିଁ ।**

**ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1. ଲିଜ୍ ନବୀକରଣ ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ଠିକ୍ ନଥିଲା । ମଞ୍ଜୁରୀ ଦେବା କିମ୍ବା ନବୀକରଣ ଏକ ନୂତନ ମଞ୍ଜୁରୀ ଅଟେ ଏବଂ ଏହା ଆଇନ ସହିତ ସୁସଙ୍ଗତ ହେବା ଆବଶ୍ୟକ । ବନ ସଂରକ୍ଷଣ ଅଧିନିୟମ, 1980 ର ଧାରା 2 ମଞ୍ଜୁରୀ କିମ୍ବା ନବୀକରଣକୁ ନିଷେଧ କରିଥିଲା । ଯଦି ରାଜ୍ୟ ସରକାର ନୂତନ ଲିଜ୍ ପ୍ରଦାନ କିମ୍ବା ଲିଜ୍ ନବୀକରଣ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ନେବା ବାଧ୍ୟତାମୂଳକ ଅଟେ । ସ୍ୱୀକାରଯୋଗ୍ୟ ଭାବରେ, ଏପରି କୌଣସି ପୂର୍ବ ଅନୁମୋଦନ ମିଳିନଥିଲା । ତେଣୁ ଯେତେବେଳେ ବନ ବିଭାଗ ଲିଜ୍ ନବୀକରଣକୁ ବିରୋଧ କରିଥିଲା, ସେତେବେଳେ ରାଜ୍ୟ ସରକାର ନବୀକରଣ ପାଇଁ ନିର୍ଦ୍ଦେଶ ଦେଇ ଭୁଲ କରିଥିବା ଅନୁଭବ କଲେ । ତେଣୁ, ରାଜ୍ୟ ସରକାରଙ୍କ ଦ୍ୱାରା ନବୀକରଣ ଆଦେଶର ବାତିଲ ଉଚିତ ଭାବେ କରାଯାଇଥିଲା ।**

*ବିହାର ରାଜ୍ୟ ବନାମ ବଂଶୀ ରାମ ମୋଦି ଏବଂ ଅନ୍ୟମାନେ,* **A.I.R. (1985) S.C. 814;** *ଗ୍ରାମୀଣ ମକଦ୍ଦମା ଏବଂ ଅଧିକାର କେନ୍ଦ୍ର ବନାମ ୟୁ.ପି. ରାଜ୍ୟ,* **A.I.R.** (1988) **SC** 2187 ଏବଂ *ଅମ୍ବିକା କ୍ୱାରୀ ୱାର୍କ୍ସ ଇତ୍ୟାଦି ବନାମ ଗୁଜରାଟ ରାଜ୍ୟ ଏବଂ ଅନ୍ୟମାନେ,* **(A.I.R. 1987 SC 1073), ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3276/1990 ।

ବିବିଧ ଆବେଦନ ସଂଖ୍ୟା 2758/1989 ରେ ମଧ୍ୟ ପ୍ରଦେଶ ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ବି.ୱାଇ. କୁଲକର୍ଣ୍ଣି ଏବଂ ଏସ୍.କେ. ଅଗ୍ନିହୋତ୍ରୀ (ଏନ୍.ପି.) ।

ଉତ୍ତରଦାତାଙ୍କ ପାଇଁ (ଏନ୍.ପି.) ପାଇଁ ଘନସିଆମ ଦାସ ଗୁପ୍ତା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଉତ୍ତରଦାତାଙ୍କୁ ପ୍ରାରମ୍ଭିକ ଭାବେ 1966 ମସିହାରେ ବନାଞ୍ଚଳରୁ ଚୂନପଥର ଉତ୍ତୋଳନ କରିବା ପାଇଁ 20 ବର୍ଷ ପାଇଁ ଖଣି ଲିଜ୍ ପ୍ରଦାନ କରାଯାଇଥିଲା । 1980 ମସିହାର ବନ (ସଂରକ୍ଷଣ) ଅଧିନିୟମ 69, 25.10.80 ରୁ କାର୍ଯ୍ୟକାରୀ ହୋଇଛି । ରାଜ୍ୟ ସରକାର ଲିଜ୍ କିମ୍ବା ନବୀକରଣ କରିବାକୁ ନିଷ୍ପତ୍ତି ନେବା କ୍ଷେତ୍ରରେ, ଅଧିନିୟମର ଧାରା 2 ଅନୁଯାୟୀ ଅଧିନିୟମ କାର୍ଯ୍ୟକାରୀ ହେବା ପରେ ମଞ୍ଜୁର କିମ୍ବା ନବୀକରଣ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ସହିତ କରାଯିବ । ଏହି ଅଧିନିୟମର ଉଦ୍ଦେଶ୍ୟ ହେଉଛି ପରିବେଶ ବ୍ୟବସ୍ଥା ବଜାୟ ରଖିବା ଏବଂ ଜଙ୍ଗଲର ସଂରକ୍ଷଣ କରିବା । ଧାରା 3 ଅନୁଯାୟୀ, ଗଛ ଲଗାଇବା ଏବଂ ଜଙ୍ଗଲର ଅଭିବୃଦ୍ଧି ମାଧ୍ୟମରେ ଜଙ୍ଗଲକୁ ପୁନର୍ଜୀବିତ କରିବା ମଧ୍ୟ ଏକ ଉଦ୍ଦେଶ୍ୟ । 1986 ମସିହାରେ ଲିଜ୍ର ମିଆଦ ଶେଷ ହେବା ପରେ ଉତ୍ତରଦାତା ନବୀକରଣ ପାଇଁ ସରକାରଙ୍କ ନିକଟକୁ ଯାଇଥିଲେ । ଯଦିଓ ସରକାର ନିଷ୍ପତ୍ତି ନେଇ 7 ଫେବୃଆରୀ 1986ରେ ମୂଳ ଅନୁମୋଦନ ପରିପ୍ରେକ୍ଷୀରେ 20 ବର୍ଷ ପାଇଁ ଆହୁରି ନବୀକରଣ ମଞ୍ଜୁର କରିବା ପାଇଁ ଏକ ଆଦେଶ ଦେଇଥିଲେ, ବନ ବିଭାଗ ଏହାକୁ ଆପତ୍ତି କରିଥିଲା । ଫଳସ୍ୱରୂପ ଏହାକୁ ବାତିଲ କରାଯାଇଥିଲା । ଉତ୍ତରଦାତା ବିବିଧ ଆବେଦନ ସଂଖ୍ୟା 2758/89ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଦୁଇଜଣିଆ ଖଣ୍ଡପୀଠ 18 ଅଗଷ୍ଟ 1989ରେ ତାଙ୍କ ଆଦେଶ ଅନୁଯାୟୀ *ବିହାର ରାଜ୍ୟ ବନାମ ବଂଶୀ ରାମ ମୋଦି ଏବଂ ଅନ୍ୟମାନେ* (A.I.R. 1985 S.C. 814) ରେ ହୋଇଥିବା ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଆଧାରରେ ଲିଜ୍ ଅଞ୍ଚଳର ଅଂଶ ପୂର୍ବରୁ ଭାଙ୍ଗିଯାଇଥିବାରୁ ଏବଂ ସେଥିପାଇଁ ନବୀକରଣ ମଞ୍ଜୁର କରାଯିବା ଉଚିତ ବୋଲି ବିଚାର କରି ନବୀକରଣ ମଞ୍ଜୁର କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଅପିଲକାରୀଙ୍କ ଯୁକ୍ତି ହେଉଛି ଯେ *ଗ୍ରାମୀଣ ମାମଲା ଏବଂ ଅଧିକାର କେନ୍ଦ୍ର ବନାମ ୟୁ.ପି. ରାଜ୍ୟ,* (A.I.R. 1988 SC 2187) ଏବଂ *ଅମ୍ବିକା କ୍ୱାରୀ ୱାର୍କ୍ସ ଇତ୍ୟାଦି ବନାମ ଗୁଜରାଟ ରାଜ୍ୟ ଏବଂ ଅନ୍ୟମାନେ,*

(A.I.R. 1987 SC 1073) ମାମଲାରେ ଏହି ନ୍ୟାୟାଳୟ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ପୂର୍ବ ସୂଚନା ବିନା ଲିଜ୍ ନବୀକରଣ ମଧ୍ୟ ମଞ୍ଜୁର କରାଯାଇପାରିବ ନାହିଁ । ଏହି ଯୁକ୍ତିରେ ଦୃଢତା ରହିଥିବା ଆମେ ପାଉଛୁ । ଏହା ସ୍ଥିରୀକୃତ ଆଇନ ଯେ ଅନୁମୋଦନ କିମ୍ବା ନବୀକରଣ ଏକ ନୂତନ ଅନୁମୋଦନ ଏବଂ ଏହା ଆଇନ ସହିତ ସୁସଙ୍ଗତ ହେବା ଆବଶ୍ୟକ । ଧାରା 2 ଅନୁମୋଦନ କିମ୍ବା ନବୀକରଣକୁ ନିଷେଧ କରିଥିଲା । ଯଦି ରାଜ୍ୟ ସରକାର ନୂତନ ଲିଜ୍ ପ୍ରଦାନ କିମ୍ବା ଲିଜ୍ ନବୀକରଣ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଏହାକୁ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ନେବା ବାଧ୍ୟତାମୂଳକ । ସ୍ୱୀକାରଯୋଗ୍ୟ ଭାବରେ, ଅଧିନିୟମର ଧାରା 2 ଅନୁଯାୟୀ କେନ୍ଦ୍ର ସରକାରଙ୍କର କୌଣସି ପୂର୍ବ ଅନୁମୋଦନ ନିଆଯାଇ ନଥିଲା । ତେଣୁ ରାଜ୍ୟ ସରକାର ନବୀକରଣ ପାଇଁ ନିର୍ଦ୍ଦେଶ ଦେବାରେ ନିଜର ଭୁଲ ବୁଝିପାରିଥିଲେ, ଯେତେବେଳେ ବନ ବିଭାଗ ଉତ୍ତରଦାତାଙ୍କ ସପକ୍ଷରେ ଲିଜ୍ ନବୀକରଣକୁ ବିରୋଧ କରିଥିଲା । ତେଣୁ, ପଞ୍ଜୀକରଣ ଦ୍ୱାରା କାର୍ଯ୍ୟକାରୀ ହେବା ପୂର୍ବରୁ ଆଦେଶର ବାତିଲକରଣ ଅପିଲକାରୀଙ୍କ ଦ୍ୱାରା ସଠିକ୍ ଭାବରେ କରାଯାଇଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟ ଲିଜ୍ ନବୀକରଣ ପାଇଁ ନିର୍ଦ୍ଦେଶ ଦେବା ଠିକ୍ ନଥିଲା ।

ଆମ ଦୃଷ୍ଟିକୁ ଏହା ଆଣାଯାଇଛି ଯେ ଅବମାନନା ପ୍ରକ୍ରିୟା ଅଧୀନରେ ଲିଜ୍ ଦଲିଲ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ତଦନୁଯାୟୀ ପଞ୍ଜୀକୃତ ହୋଇଥିଲା । ପଞ୍ଜୀକରଣକୁ ବେଆଇନ ଏବଂ ଅବୈଧ ବୋଲି ଘୋଷଣା କରାଯାଇଛି ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।